## ସଂକ୍ଷେପରେ

### ୪୨୭ ଶ୍ରମିକଙ୍କୁ ଥଇଥାନ କରାଯାଉନି

ତାଳଚେର, ୮।୫ (ଡି.ଏନ.ଏ.): ଏନ୍‌ଟିପିସି ପରିଚାଳନାଧୀନ ଟିଟିପିଏସ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ବର୍ଷେ ହେଲା ସ୍ଥାନୀୟ ୪୨୭ ଶ୍ରମିକଙ୍କୁ ଥଇଥାନ କରାଯାଇ ନ ଥିବା ଶ୍ରମିକ ଏକତା ମଞ୍ଚ ପକ୍ଷରୁ ସୋମବାର ଅଭିଯୋଗ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି, ୨୦୨୨ ମେ ୭ରେ ଢେଙ୍କାନାଳ ଏମ୍‌ପି, ତାଳଚେର ବିଧାୟକ ଏବଂ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଟିଟିପିଏସ୍ ପାରିପାର୍ଶ୍ୱିକ ୪ଟି ପଞ୍ଚାୟତର ଶ୍ରମିକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରଥମେ ଅଗ୍ରାଧିକାର ଦିଆଯିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ୨୦୨୧ ମାର୍ଚ୍ଚରେ ଛଟେଇ ହୋଇଥିବା ୮୭୫ ଶ୍ରମିକଙ୍କୁ ଅଗ୍ରାଧିକାର ଭିତ୍ତିରେ ପୁନଃ ନିଯୁକ୍ତି ଦେବା ପାଇଁ ବୈଠକରେ ସମ୍ମତି ପ୍ରକାଶ ପାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ୪୪୮ ଜଣ ଶ୍ରମିକଙ୍କୁ ନିଯୁକ୍ତି ମିଳିଥିବା ବେଳେ ବଳକା ୪୨୭ ଜଣଙ୍କୁ ଅଦ୍ୟାବଧି ଥଇଥାନ କରାଯାଇ ନାହିଁ। କିନ୍ତୁ ଜିଲା ବାହାର ୩ଶହ ଶ୍ରମିକଙ୍କୁ କିପରି ନିଯୁକ୍ତି ଦିଆଯାଇଛି ତାହାକୁ ନେଇ ଶ୍ରମିକ ଏକତା ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି।

### ନାଳରେ ବୁଡ଼ି ଜଣେ ମୃତ

ବଇଣ୍ଡା,୮।୫(ଡି.ଏନ.ଏ.): ଠାକୁରଗଡ଼ ଥାନା ଅଲେଖପୁର ନାଳରେ ସୋମବାର ସକାଳେ ବୁଡି ଠାକୁରଗଡ଼ ଅଞ୍ଚଳର ସନ୍ତୋଷ ନାୟକଙ୍କ ମୃତ୍ୟୁ ହୋଇଛି। ସେ ସକାଳେ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ହଠାତ ଗୋଡ଼ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଅଞ୍ଚଳବାସୀ ଠାକୁରଗଡ଼ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଉଆଁରାରୁ ଆରମ୍ଭ, କୁଇଓରେ ଶେଷ

ଅନୁଗୋଳ ଅଫିସ, ୮।୫

- ■ଚେତାଶୂନ୍ୟ ହୋଇଗଲେ ନାବାଳିକାଙ୍କ ମା
- ■କାନ୍ଦରେ ଥରିଲା ମେଡିକାଲ ପରିସର
- ■ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକ

ଅନୁଗୋଳ ସଦର ଥାନା କୁଇଓରେ ସୋମବାର ୧୩ ବର୍ଷୀୟା ନାବାଳିକାଙ୍କ ତଣ୍ଟି କାଟି ଏନ୍‌ଟିପିସି ଥାନା ଅଞ୍ଚଳର ରଞ୍ଜନ ବେହେରା ହତ୍ୟା କରିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେଉଁ କାରଣ ପାଇଁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଏପରି ଜଘନ୍ୟ ଭାବେ ହତ୍ୟା କରାଗଲା ତାହା ଜାଣିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ହେଲେ ଅଭିଯୁକ୍ତଙ୍କ ନିକଟରେ ଏଯାଏ ପୋଲିସ ପହଞ୍ଚିପାରି ନ ଥିବାରୁ ଉକ୍ତ ରହସ୍ୟର ପର୍ଦ୍ଦାଫାଶ ହୋଇପାରି ନାହିଁ। ତଥାପି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ଯେ, ନାବାଳିକା ତାଙ୍କ ପୈତୃକ ଘର ତାଳଚେର ବ୍ଲକ ଉଆଁରାରେ ରହୁଥିବାବେଳେ ଅଭିଯୁକ୍ତ ରଞ୍ଜନଙ୍କ ସହ ପରିଚୟ ଓ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ପ୍ରାୟ ବର୍ଷେ ତଳୁ ଚାଲିଥିବା ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ୩ ମାସ ହେଲା ହଠାତ୍ ବନ୍ଦ ହୋଇଯିବାରୁ କ୍ରୋଧ ଜର୍ଜରିତ ରଞ୍ଜନ କୁଇଓରେ ସେହି ପରିଚୟକୁ ଶେଷ କରିଦେଇଥିଲା।

ତାଳଚେର ଅଞ୍ଚଳ ଦିନକୁ ଦିନ ପ୍ରଦୂଷିତ ହେଉଥିବାରୁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ନାବାଳିକାଙ୍କ ମା' ବାପା ଅନୁଗୋଳ ମୁହାଁ ହୋଇଥିଲେ। କୁଇଓ ଠାରେ ଗତ ଦୁଇ ବର୍ଷ ତଳେ ଘର ନିର୍ମାଣ କରିଥିଲେ। ଗଲା କିଛି ଦିନ ହେବ ଘର ପ୍ରତିଷ୍ଠା ପରେ ସେଠାରେ ଝିଅ, ପୁଅ ଓ ବୃଦ୍ଧ ପିତାଙ୍କ ସହ ରହୁଥିଲେ। ସେମାନେ ଉଆଁରାରେ ଥିବାବେଳେ ସମ୍ପୃକ୍ତ ନାବାଳିକାଙ୍କ ସହ କୌଣସି କାରଣରୁ ଅଭିଯୁକ୍ତ ରଞ୍ଜନଙ୍କ ପରିଚୟ ହୋଇଥିଲା। ଦୁହେଁ ମୋବାଇଲରେ କଥା ହେଉଥିଲେ।



ହତ୍ୟାର ଶିକାର ହୋଇଥିବା ନାବାଳିକା।

ହେଲେ ନାବାଳିକା ହଠାତ୍ ଫୋନରେ କଥା ନ ହେବା ସହ କୁଇଓ ପଳାଇ ଆସିଥିଲେ। ଏହାକୁ ନେଇ ଅଭିଯୁକ୍ତ ରଞ୍ଜନ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ବହୁ ଉଦ୍ୟମ ସତ୍ତ୍ୱେ ନାବାଳିକାଙ୍କ ସହ କଥା ହୋଇପାରି ନ ଥିଲେ। ତେଣୁ ପ୍ରତିଶୋଧ ପରାୟଣ ହୋଇ କୁଇଓଠାରେ ସବୁ ପରିଚୟ ସମାପ୍ତ କରିଦେବାର ଯୋଜନା କରି ସେ ବାଇକ୍ ଯୋଗେ ନାବାଳିକାଙ୍କ ଘରକୁ ଆସି ତାଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିଲେ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିବା ମାତ୍ରେ ତାଙ୍କ ମା' ସେଠାରେ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକ ଓ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଖବର ପାଇବାମାତ୍ରେ ତୁରନ୍ତ ଅଭିଯୁକ୍ତଙ୍କୁ ଧରିବାକୁ କୁମଣ୍ଡ ଅନନ୍ତବେରେଣୀ ଛକରେ ସ୍ଥାନୀୟ ଲୋକମାନେ ରାସ୍ତାରୋକ୍ କରିଥିଲେ।



ଅନନ୍ତବେରେଣୀ ଛକରେ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରିଛନ୍ତି।

### ରାଜନେତାଙ୍କ ଗାଡ଼ି ଚଳାଉଥିଲେ ରଞ୍ଜନ

ନାବାଳିକାଙ୍କ ତଣ୍ଟି କାଟି ହତ୍ୟା କରିଥିବା ଅଭିଯୁକ୍ତ ରଞ୍ଜନ ବେହେରାଙ୍କ ସମ୍ପର୍କରେ ପୋଲିସକୁ କିଛିଟା ତଥ୍ୟ ମିଳିଛି। ରଞ୍ଜନ ଜଣେ ରାଜନେତାଙ୍କ ନିକଟରେ ରହି ତାଙ୍କ ଗାଡ଼ି ଚଳାଉଥିଲେ। ହେଲେ ହତ୍ୟାକାଣ୍ଡ ଭିଆଇବା ପରଠାରୁ ତାଙ୍କ ମୋବାଇଲ ଫୋନ ସୁଇଚଅଫ ରହିଛି। ତେଣୁ ପୋଲିସ ତାଙ୍କୁ ଠାବ କରିପାରି ନ ଥିଲେ ହେଁ ସୋସିଆଲ ମିଡିଆରୁ ପୋଲିସ ରଞ୍ଜନଙ୍କ ଫଟୋ ଓ ଶେୟାର କରିଥିବା କିଛି ପୋଷ୍ଟ ସଂଗ୍ରହ କରି ସେହି ଆଧାରରେ ତଦନ୍ତ କରୁଛି।

### ଗାଁ ସହ ସମ୍ପର୍କ କମ୍

ହତ୍ୟା ଅଭିଯୁକ୍ତ ରଞ୍ଜନ ବେହେରା ଅଧିକାଂଶ ସମୟ ଗାଁକୁ ଯାଆନ୍ତିନି। ଜଣେ ରାଜନେତାଙ୍କ ଗାଡ଼ି ଚାଳକ ହୋଇଥିବାରୁ ସେ ଗାଁ ଠାରୁ ଦୂରରେ ରହନ୍ତି। ତେବେ ପର୍ବପର୍ବାଣି ବେଳେ ସେ ଗାଁକୁ ଯାଇଥାନ୍ତି। ତଦନ୍ତ ସମୟରେ ପୋଲିସ ରଞ୍ଜନଙ୍କ ଭାଇ ଓ ମା'ଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଏହି ତଥ୍ୟ ହାସଲ କରିଛି। ଏଥିସହ କେଉଁ ସମ୍ପର୍କୀୟ ଲୋକଙ୍କ ସହ ରଞ୍ଜନ ଅଧିକ ଜଡ଼ିତ ସେ ସମ୍ପର୍କରେ ପୋଲିସ ସନ୍ଧାନ ଚଳାଇଛି।

### ନାବାଳିକାଙ୍କ ଘରକୁ ଥରେ ଯାଇଥିଲେ

ନାବାଳିକାଙ୍କୁ ହତ୍ୟା କରିବାର କିଛିଦିନ ପୂର୍ବରୁ ଅଭିଯୁକ୍ତ ରଞ୍ଜନ ତାଙ୍କ କୁଇଓସ୍ଥିତ ଘରକୁ ଥରେ ଯାଇଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କୁ ପଚରାଉଚରା ବେଳେ ପୋଲିସ ଏହି ତଥ୍ୟ ପାଇପାରିଛି। ତେଣୁ ହୁଏତ ହତ୍ୟାକାଣ୍ଡ ଘଟାଇବା ପରେ କେଉଁ ବାଟ ଦେଇ ଖସି ଯାଇହେବ ସେ ନେଇ ଅଭିଯୁକ୍ତ ଯୋଜନା କରିବା ପରେ ଘର ବୁଲି ଦେଖିଥିବା ପୋଲିସ ସନ୍ଦେହ କରୁଛି। ଏପରି କି ହତ୍ୟା ପରେ ଅଭିଯୁକ୍ତ କେଉଁ ରାସ୍ତା ଦେଇ ଖସି ପଳାଇଲେ ସେ ନେଇ ପୋଲିସ ତଦନ୍ତ ଚଳାଇଛି।

### ଆତ୍ମହତ୍ୟା କରିଥିବା ନେଇ ଗୁଜବ

ହତ୍ୟାକାଣ୍ଡ ଭିଆଇଥିବା ରଞ୍ଜନ ବେହେରା ନତଡ଼ା ଜଙ୍ଗଲରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଏକ ଗୁଜବ ସନ୍ଧ୍ୟାରେ ସହରରେ ବ୍ୟାପିଯାଇଥିଲା। ସୋସିଆଲ ମିଡିଆରେ ଏ ନେଇ ଚର୍ଚ୍ଚା ହେବା ପରେ ଗାଁ ଲୋକଙ୍କ ସହ ପୋଲିସ ଉକ୍ତ ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲା। କିନ୍ତୁ ସେଠାରେ ସେଭଳି କୌଣସି ସୂଚନା ନ ମିଳିବାରୁ ପୋଲିସ ଫେରିଆସିଥିଲା।



ହତ୍ୟା ଅଭିଯୁକ୍ତ ରଞ୍ଜନ ବେହେରା।

## ୫ ଦଫା ଦାବି ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୮।୫

ଅନୁଗୋଳ ଜିଲା କୁକୁଡ଼ାଙ୍ଗ ଗ୍ରାମବାସୀ ୫ ଦଫା ଦାବି ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ହୋଇଥିବା ଟିଏଫଏଲ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ପରିବେଶ ଦୂଷିତ ହେଉଥିବାରୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା, ପାନୀୟ ଜଳ ବ୍ୟବସ୍ଥା କରିବା, ଗାଁ ଭିତରେ ଭାରିଯାନ ଚଳାଚଳ କରୁଥିବାରୁ ଟ୍ରାଫିକ୍ ବ୍ୟବସ୍ଥା କରିବା, ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କମ୍ପାନୀ ପକ୍ଷରୁ ଅନୁଦାନ ପ୍ରଦାନ କରିବା ଭଳି ଦାବି କରାଯାଇଥିଲା। ଗତ ୪ ବର୍ଷ ହେବ କମ୍ପାନୀ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଥିବାବେଳେ ଗ୍ରାମବାସୀଙ୍କୁ କମ୍ପାନୀ ପକ୍ଷରୁ ଅବହେଳା କରାଯାଉଛି। ତେଣୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଞ୍ଜୟ କୁମାର ତ୍ରିପାଠୀ, ପ୍ରଦୀପ କୁମାର ସେଠୀ, ଆଶିଷ ସାହୁ, ବିନୋଦ ଚନ୍ଦ୍ର ଡ଼ୋରା, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଦାବି କରିଥିଲେ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

## ୨୬ ଅଭିଯୋଗର ଫଇସଲା



ଅନୁଗୋଳ ଅଫିସ, ୮।୫

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୪ଟି ଅଭିଯୋଗ ମଧ୍ୟରୁ ୬୨ଟି ବ୍ୟକ୍ତିଗତ ଓ ୧୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ୨୬ଟି ଅଭିଯୋଗର ତୁରନ୍ତ ଫଇସଲା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଜଣଙ୍କୁ ୨୦ ହଜାର ଟଙ୍କା ଓ ୩ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏଥିସହ ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସ ଥିବାରୁ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଏସ୍‌ପି ପ୍ରସନ୍ନ କୁମାର ବିଶ୍ୱାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବଇଦୁରା ଦିବ, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ମିନର୍ଭା ନାୟକ, ସତ୍ୟାନନ୍ଦ ଦାସ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରେଡ୍‌କ୍ରସ୍ ଦିବସର ମହତ୍ତ୍ୱ ଜାଣିଲେ ଛାତ୍ରୀଛାତ୍ର

ଛେଣ୍ଡିପଦା,୮।୫(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବଡ଼ମହିତଲାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରେଡକ୍ରସ ଦିବସର ମହତ୍ତ୍ୱ ଓ ଛାତ୍ରୀଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ରକ୍ତଦାନ ଏକ ମହତ ଦାନ। ଏ ସମ୍ପର୍କରେ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ ପୂର୍ବକ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ଦାସ ରେଡ୍‌କ୍ରସ୍ ଦିବସର ପୃଷ୍ଠଭୂମି ଉପରେ ମାର୍ଗଦର୍ଶନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ। ଶିକ୍ଷକ ସରୋଜ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ।



ରେଡ୍‌କ୍ରସ୍ ଦିବସ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷକ ସୂଚନା ଦେଉଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ ଧନ୍ୟବାଦ ପତ୍ର

ଛେଣ୍ଡିପଦା,୮।୫(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ନିମନ୍ତେ ୧୪ଟି ପଞ୍ଚାୟତର ୪୦ରୁ ଅଧିକ ଗ୍ରାମର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କୁ ନେଇ ସୋମବାର ଏକ ବୈଠକ ମା'ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। କୋଶଳା ଗ୍ରାମ ସଭାପତି ବ୍ରଜକିଶୋର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସରକାର କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟି ଅନ୍ତର୍ଗତ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିଥିବାରୁ ଏହା ଯଥାର୍ଥ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ତେଣୁ ଧନ୍ୟବାଦ ପତ୍ରରେ ପ୍ରତ୍ୟେକ ଗ୍ରାମର ଜନସାଧାରଣଙ୍କ ଦସ୍ତଖତ କରାଯାଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯିବ ବୋଲି ସ୍ଥିର କରାଯାଇଥିଲା। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆମ ହସ୍ପିଟାଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ କିଛି ଗୋଷ୍ଠୀ ଏହାକୁ ବିରୋଧ କରୁଥିବାବେଳେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ପ୍ରାୟ ୧୫ରୁ ଅଧିକ ପଞ୍ଚାୟତର ଗ୍ରାମବାସୀଙ୍କୁ ନେଇ ଏହାର ପ୍ରତିବାଦ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।



ବୈଠକରେ ଉପସ୍ଥିତ ଗ୍ରାମ ସଭାପତି ଓ ସମ୍ପାଦକମାନେ।

## ବ୍ଲକ, ତହସିଲ ଫାଟକରେ ତାଲା ପକାଇ ଆନ୍ଦୋଳନ



ଆନ୍ଦୋଳନକାରୀମାନେ ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

ଛେଣ୍ଡିପଦା,୮।୫(ସ୍ୱ.ପ୍ର.)

ଛେଣ୍ଡିପଦା ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ 'ଆମ ହସ୍ପିଟାଲ' ଯୋଜନାରେ ସାମିଲ କରିବା ଦାବିରେ ଆନ୍ଦୋଳନ ଜୋରଦାର ହୋଇଛି। ସୋମବାର ଆନ୍ଦୋଳନକାରୀ ୭ଟି ମୌଜାର ମହିଳା ପୁରୁଷ ଛେଣ୍ଡିପଦା ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଘେରାଉ କରିବା ସହିତ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥ ଅବରୋଧ କରିଛନ୍ତି। ବାଗଡିଆ ଓ ଛେଣ୍ଡିପଦା ଜୋନ୍‌ର ପ୍ରାୟ ୫୦ରୁ ଅଧିକ ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ମହିଳା ଗ୍ରାମ ସଭାପତିଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ଆସି ପ୍ରଶାସନ ଓ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅର୍ଥନୈତିକ ଅବରୋଧ ଯୋଗୁ ଅନୁଗୋଳ-ଛେଣ୍ଡିପଦା ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରିକି ୨ଟି ଜୋନ ଅଞ୍ଚଳରେ ଦୋକାନ ବଜାର ସହିତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା।

### ଆମ ହସ୍ପିଟାଲ ଯୋଜନାରେ ସାମିଲ ଦାବି

ଏହି ଆନ୍ଦୋଳନରେ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ଏସ୍‌ୟୁସିଆଇର ନବକିଶୋର ପ୍ରଧାନ ଓ ରଣଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ମାନସ କୁମାର ରାୟ ଧାରଣାସ୍ଥଳକୁ ଆସି ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କ ନିକଟକୁ ଯାଇ ଆଲୋଚନା କରିବ ବୋଲି କହିଥିଲେ ହେଁ ବିକ୍ଷୋଭକାରୀ ରାଜି ହୋଇ ନ ଥିଲେ। ଅପରାହ୍ନରେ ତହସିଲଦାର ପୁନର୍ବାର ଆସି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉତ୍ତମ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ୯କୋଟି ୯୪ ଲକ୍ଷ, ଟ୍ରମା କେୟାର ପାଇଁ ୮ କୋଟି ଓ ଓପିଡି/ଆଇପିଡି ପାଇଁ ୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ଆମ ହସ୍ପିଟାଲରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ପତ୍ର ଲେଖାହୋଇଛି ଓ ଉତ୍ତର ଆସିଲେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ତେଣୁ ଏକ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ଯାଇ ଜିଲାପାଳଙ୍କ ସହ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ବିକ୍ଷୋଭକାରୀ ରାଜି ନ ହେବାରୁ ଆନ୍ଦୋଳନ ଜାରି ରହିଛି।

## ସଂକ୍ଷେପରେ

### ଆକାଉଣ୍ଟରୁ ୬୧ ହଜାର ଚାଲୁ

**ଅନୁଗୋଳ ଅଫିସ, ୮।୫-** ଅନୁଗୋଳ ଥାନା ଶିକ୍ଷକପଡ଼ାର ଜଣେ ଯୁବକ ସାଇବର ଠକ ହାବୁଡ଼ରେ ପଡ଼ିଛନ୍ତି। ତାଙ୍କ ଆକାଉଣ୍ଟରୁ ଠକ ଜଣଙ୍କ ୬୧ ହଜାର ୧୯୮ ଟଙ୍କା ଚାଲୁ କରିଥିବା ବିକାଶ କୁମାର ସାହୁ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୨୧/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ବିକାଶଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା। ଫୋନ କରିଥିବା ଠକ ଜଣକ ବ୍ୟାଙ୍କର କ୍ରେଡିଟ୍ କାର୍ଡ ଅଧିକାରୀ ପରିଚୟ ଦେଇଥିଲେ। ବାର୍ଷିକ ଇନ୍ସୁରାନ୍ସ ବାବଦକୁ ଟଙ୍କା କଟିବ ବୋଲି ଠକ ଜଣଙ୍କ କହିଥିଲେ। ଏହାକୁ ବନ୍ଦ କରିବାକୁ ହେଲେ କାର୍ଡର ତଥ୍ୟ ଦେବାକୁ ପଡ଼ିବ ବୋଲି କହିଥିଲେ। ଠକଙ୍କ ଚାଲାକି ବୁଝି ନ ପାରି ବିକାଶ ତାଙ୍କୁ ତଥ୍ୟ ଦେଇଦେବା କ୍ଷଣି ତାଙ୍କ ଆକାଉଣ୍ଟରୁ ୬୧ ହଜାର ୧୯୮ ଟଙ୍କା କଟି ଯାଇଥିଲା। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ନୃତ୍ୟସଙ୍ଗୀତରେ ଦୁଲୁକିଲା ମଞ୍ଚ



**ସାତମାଇଲ, ୮।୫(ଡି.ଏନ୍.ଏ.)**

### ହରିହାଟ ମହୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସିସ୍ଥିତ ହରିହାଟ ପଡ଼ିଆରେ ୩ଦିନ ଧରି ଚାଲିଥିବା ୮ମ 'ହରିହାଟ ମହୋତ୍ସବ' ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିଥିବାବେଳେ କଳାକାରଙ୍କ ନୃତ୍ୟସଙ୍ଗୀତରେ ମଞ୍ଚ ଦୁଲୁକି ଉଠିଥିଲା।

କମିଟି ସଭାପତି ପ୍ରଦୀପ ସାମନ୍ତଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରି ସଂସ୍କୃତି ପରମ୍ପରା ଉଜ୍ଜୀବିତ ରଖିବା ଲାଗି ଅଞ୍ଚଳବାସୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଅତିଥିମାନେ ସ୍ମରଣିକା 'ନନ୍ଦିନିଆ'ର ଉନ୍ମୋଚନ କରିଥିଲେ। ଯାଜପୁରର ପ୍ରତିଷ୍ଠିତ କଳାକାର ସୌମ୍ୟାପ୍ରିୟଦର୍ଶନୀ ପତି ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସ୍ୱାଇଁ, ମୁଖ୍ୟବକ୍ତା ଏନ୍ଏସି ନଗରପାଳ କେଶବ ଚନ୍ଦ୍ର ପ୍ରଧାନ, ଉପାଧକ୍ଷା ପ୍ରତିମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ ନଗରପାଳ, କାଉନ୍‌ସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ତିନିଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀରର 'ସଙ୍ଗୀତ ସାଧନା', କଟକର 'ଶୁଭତାରିଣୀ କିନ୍ନର ଡ୍ୟାନ୍ସ ଗ୍ରୁପ', ଢେଙ୍କାନାଳର 'ଶତରୂପା', 'ନୃତ୍ୟମ୍' ନୃତ୍ୟାନୁଷ୍ଠାନ, ଶରଧାପୁରର ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ପ୍ରିୟା ଶତପଥୀ, ଲିଜା ସାହୁ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ବିଶ୍ୱେଶ୍ୱର ସେଠୀ, ବରିଷ୍ଠ ସଦସ୍ୟ ସୁବାସ ପାଲ, ଶ୍ରୀକାନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବ ଦେଖିବା ଲାଗି ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ଓରମାସ୍ ପକ୍ଷରୁ ଷ୍ଟଲ ଖୋଲିଥିବାବେଳେ ଉଠାଦୋକାନୀ ପସରା ମେଲାଇଥିଲେ। ହିନ୍ଦୋଳ ଆଇଆଇସି ଚାରୁଲତା ବେହେରାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ମୁତୟନ ହୋଇଥିଲେ। ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀ, ଏନ୍ଏସି କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ।

# ନାଲ୍‌କୋନଗରରେ ବୁଦ୍ଧ ପୂର୍ଣ୍ଣିମା

**ବଅଁରପାଳ,୮।୫(ଡି.ଏନ.ଏ.)**

ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଓ ପଞ୍ଚଶୀଳ ବୁଦ୍ଧ ବିହାର ନାଲ୍‌କୋନଗର ତରଫରୁ ପଞ୍ଚଶୀଳ ବୁଦ୍ଧ ବିହାର ପରିସରରେ ବୁଦ୍ଧ ପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି କେଦାରନାଥ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ଆଣ୍ଡପି କମ୍ପ୍ଲେକ୍ସ) ଭୀମସେନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଅଫିସର ଆସୋସିଏଶନ ସଭାପତି ବନମାଳୀ ସେଠୀ ଯୋଗ ଦେଇଥିଲେ। ସଙ୍ଗଠନ ସଭାପତି ଦେହୁରୀ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ବନବିହାରୀ ନାଏକ ସଂଘର ବିଭିନ୍ନ କାର୍ଯ୍ୟାବଳୀ ଓ ମୁଖ୍ୟଅତିଥି ବୁଦ୍ଧଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପଞ୍ଚଶୀଳ ବୁଦ୍ଧ ବିହାର ଟ୍ରଷ୍ଟର ସମ୍ପାଦକ ଧନେଶ୍ୱର ବେହେରା ସଭା ପରିଚାଳନା କରିଥିଲେ। ଏହି ଅବସରରେ ନାଲ୍‌କୋ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗରିବ ମେଧାବୀ ଛାତ୍ରୀ ସରସ୍ୱତୀ ଗଡ଼ସରାରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ସମସ୍ତ ଖର୍ଚ୍ଚ ଯୋଗାଇଦେବା ପାଇଁ ସଂଘ ତରଫରୁ ଘୋଷଣା କରାଯାଇଥିଲା। ଅନ୍ୟାନ୍ୟ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

# ମଦ ଚୋରା ଚାଲାଣ ନେଇ ବଢ଼ୁଛି ଅସନ୍ତୋଷ

**ବଇଣ୍ଡା,୮।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀ, ନୁନୁକାପଶି, ଗାଁ ବଇଣ୍ଡା, କଣ୍ଟେଇକୋଳିଆ, ଲୁହାମୁଣ୍ଡା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ କିଛିଦିନ ହେବ ବିଳମ୍ବିତ ରାତିରେ ବାଇକ୍ ମାଧ୍ୟମରେ ବିଦେଶୀ ମଦ ଚୋରା ଚାଲାଣ କରାଯାଉଛି। ଦିନକୁ ଦିନ ଏହି କାରବାର ବଢ଼ୁଥିଲେ ମଧ୍ୟ ଅବକାରୀ ବିଭାଗ କିମ୍ବା ପୋଲିସ ପକ୍ଷରୁ ଚଢ଼ାଉ କରାଯାଉ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜାମୁନାଳୀ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଗ୍ରାମବାସୀ କହିଛନ୍ତି, ପଞ୍ଚାୟତର କେତେକ ଦୋକାନରେ ଏବେ ଚୋରା ବିଦେଶୀ ମଦ କାରବାର ବୃଦ୍ଧି ପାଉଛି। ବଇଣ୍ଡା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନର କାରବାର ବୃଦ୍ଧି ପାଇଁ ୨ ଜଣ କର୍ମଚାରୀ ରାତିରେ ପେଟି ପେଟି ବିଦେଶୀ ମଦ ଧରି ବିଭିନ୍ନ ଗ୍ରାମାଞ୍ଚଳକୁ ଚୋରାରେ ଚାଲାଣ କରୁଛନ୍ତି। କେତେକ ଛୋଟ ଦୋକାନରେ ଏହି ବ୍ୟବସାୟ କରାଯାଉଛି। ମଦ ବୋତଲ ପ୍ରତି ୨୦ ରୁ ୩୦ ଟଙ୍କା ଲାଭ ପାଉଥିବା ଯୋଗୁ ଏହି ବ୍ୟବସାୟକୁ ସମ୍ପୃକ୍ତ ଦୋକାନୀମାନେ ଆପଣାଉଥିବା ଅଭିଯୋଗ ହୋଇଛି। ଉକ୍ତ ମଦ ଦୋକାନ କର୍ମଚାରୀ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଏହି ଚୋରା ବ୍ୟବସାୟ ଚଳାଇଛନ୍ତି। ଫଳରେ ସନ୍ଧ୍ୟା ହେଲେ ଗ୍ରାମାଞ୍ଚଳରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ୁଛି। ଏ ନେଇ ବହୁବାର ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ଧରଣୀ ଧର ପ୍ରହରାଜଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

# ବଳାତ୍କାର ଅଭିଯୋଗ: ୩ ଗିରଫ

**କଣିହାଁ,୮।୫(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଲିଣ୍ଡା ଗ୍ରାମର ଲିପୁନ ବେହେରା (୨୫), ମୁରଲୀଧର ବେହେରା (୬୧), ବ୍ୟାରେଜ ଅଞ୍ଚଳର କରୁଣା ଦଣ୍ଡପାଟ (୪୦)। ମିଳିଥିବା ସୂଚନାରୁ ଜଣାଯାଏ, ଅଭିଯୁକ୍ତ ଲିପୁନ ଓ କରୁଣା ଗତ ବୁଧବାର ସମଲ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ଆଳ ଦେଖାଇ ଗାଡିରେ ନେଇ ବିଲିଣ୍ଡା ଗ୍ରାମର ମୁରଲୀଧରଙ୍କ ଘରେ ରଖି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ପ୍ରଥମେ ଲିପୁନ ଓ ମୁରଲୀଧରଙ୍କୁ ଗିରଫ କରିଥିଲା। ପରେ ଅନ୍ୟଜଣେ ଅଭିଯୁକ୍ତ କରୁଣାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ବ୍ରହ୍ମଜ୍ୟୋତିଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**ବଅଁରପାଳ,୮।୫(ଡି.ଏନ.ଏ.)**

ଯୋରନ୍ଦା ମହିମାଗାଦିରୁ ବାହାରିଥିବା ୧୦ମ ବାର୍ଷିକ ମହିମା ବ୍ରହ୍ମଜ୍ୟୋତି ଯାତ୍ରା ସୋମବାର ବଅଁରପାଳରେ ପହଞ୍ଚିବା ପରେ ସାମଲ ଗ୍ରୁପ ଅଫ କମ୍ପାନୀ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କମ୍ପାନୀ ପକ୍ଷରୁ ବିନୋଦ ସାହୁ କୌପିନୀଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଶିଳ୍ପପତି ରମେଶ ସାମଲ, ଗଙ୍ଗାଧର ସାମଲ ଓ ଢେଙ୍କାନାଳ ସଦର ବିଧାୟକ ସୁଧୀର ସାମଲଙ୍କ ବିଶେଷ ଅନୁରୋଧକ୍ରମେ ବ୍ରହ୍ମଜ୍ୟୋତି ଏଠାରେ ପଦାର୍ପଣ କରିଥିବା ଜ୍ୟୋତି ପରିକ୍ରମା କମିଟି ଆବାହକ ପ୍ରଶାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଭକ୍ତଙ୍କ ଖଞ୍ଜଣି ବାଦ୍ୟ ଓ ଅଲେଖ ମହିମା ଧ୍ୱନି ମଧ୍ୟରେ ବ୍ରହ୍ମଜ୍ୟୋତିଙ୍କୁ ନଗର ପରିକ୍ରମାରେ ନିଆଯାଇଥିଲା। ପରେ ଶ୍ରୀମଦ୍ ରଘୁନାଥ ବାବାଙ୍କ ପୌରୋହିତ୍ୟରେ ମହିମା ଧର୍ମର ପ୍ରଚାରପ୍ରସାର ସମେତ ବିଭିନ୍ନ ଦିଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଧୁଙ୍କ ସମେତ ୬୦ରୁ ଅଧିକ ଭକ୍ତ ଯୋରନ୍ଦାରୁ ଆସିଥିଲେ ବୋଲି ପରିକ୍ରମା କମିଟି ସଂଯୋଜକ ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି।

# ଜେଲରୁ ଫେରାର ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ବାଲେଶ୍ୱର ଜିଲା ସୋର ସବ୍ ଜେଲ୍‌ର ପାଚେରି ଡେଇଁ ଚମ୍ପଟ ମାରିଥିବା ଅଭିଯୁକ୍ତ ସତ୍ୟଜିତ୍ ମଲ୍ଲିକ ଓରଫ ବାବୁନା (୨୧)ଙ୍କୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଡମଣା ଛକରେ ଥିବା 'ସାଇ ଟେଲି ପଏଣ୍ଟ' ମୋବାଇଲ ଦୋକାନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି ଘଟଣାରେ ତାଙ୍କୁ ପୋଲିସ ଖୋଜୁଥିଲା। ସତ୍ୟଜିତ୍‌ଙ୍କ ଘର ଭଦ୍ରକ ଜିଲା କସିଆ ସାମୁଦ୍ରିକ ଥାନା ଅନ୍ତର୍ଗତ ମଲ୍ଲିକ ସାହି ଗ୍ରାମରେ। ତାଙ୍କଠାରୁ ୨୦ଟି ମୋବାଇଲ, ୫ଟିସ୍ମାର୍ଟୱାଚ୍, ୯ଟିଚାର୍ଜର, ଗୋଟିଏ ଇୟର ବୁଡ଼କୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ସତ୍ୟଜିତଙ୍କୁ ଝାରପଡ଼ା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସତ୍ୟଜିତ୍ ବାସୁଦେବପୁର ଥାନାର ଏକ ଚୋରି ମାମଲାରେ ଗିରଫ ହୋଇ ସୋର ସବ୍ ଜେଲରେ ଥିଲେ। ଗତ ଫେବୃଆରୀ ୫ରେ ପାଚେରି ଡେଇଁ ଖସି ପଳାଇଥିଲେ। ଏନେଇ ସୋର ଥାନାରେ (ନଂ.୭୬/୨୩) ରୁଜୁ ହୋଇଥିବା ମାମଲାରେ ସେ ୱାଣ୍ଟେଡ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ସତ୍ୟଜିତ୍ ଜେଲ୍‌ରୁ ଖସି ଆସି ରାଜଧାନୀ ଭୁବନେଶ୍ୱରରେ ଅପରାଧ ସାମ୍ରାଜ୍ୟ ମେଲାଇଥିଲେ। ଏପ୍ରିଲ ୧୩ ବିଳମ୍ବିତ ରାତିରେ ଅଭିଯୁକ୍ତ ସତ୍ୟଜିତ ଡମଣା ଛକସ୍ଥିତ ଉକ୍ତ ମୋବାଇଲ ଦୋକାନର ଆଜବେଷ୍ଟ ଓ ସିଲିଂ ଭାଙ୍ଗି ଭିତରେ ପଶିଥିଲେ। ସେଠାରୁ ୨୫ଟି ମୋବାଇଲ ସମେତ ୫ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି କରି ନେଇଥିଲେ। ମାଲିକ ହେମନ୍ତ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସତ୍ୟଜିତ୍ ଗତବର୍ଷ ଅଗଷ୍ଟରେ ଡମଣାଛକସ୍ଥିତ ଆଉଏକ ମୋବାଇଲ ଦୋକାନରୁ ମଧ୍ୟ ଚୋରି କରି ଗିରଫ ହୋଇଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୧ଟି ମାମଲା ରହିଛି। ଅଭିଯୁକ୍ତ ଜଣକ ଅଭ୍ୟାସଗତ ଭାବେ ଏକାଧିକ ମାମଲାରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ

**ରୂପସା, ୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କରୂଆ ଗ୍ରାମରେ ସୋମବାର ଏକ ଅଘଟଣ ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଗ୍ରାମର ଆଦିତ୍ୟ ସେଠୀ(୪୫)। ସେ ନିଜ ଚାଷଜମିରେ ପାଣି ମଡାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ଆଦିତ୍ୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୁଖ୍ୟ ଶାସନ ସଚିବ, କୁଳପତିଙ୍କୁ ରିପୋର୍ଟ ମାଗିଲେ ରାଜ୍ୟପାଳ

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

### ରାଷ୍ଟ୍ରପତିଙ୍କ ଅଭିଭାଷଣ ବେଳେ ଲାଇନ୍ କଟିବା ପ୍ରସଙ୍ଗ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଶନିବାର ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଭାଷଣ ଦେବା ବେଳେ ୯ ମିନିଟ୍ ପାଇଁ ସବୁ ଲାଇଟ୍ କଟି ଯାଇଥିଲା। ଏହି ଘଟଣାକୁ ନେଇ ଚାରିଆଡୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଉଛି। ଏହି କଥାରେ ରାଜନୀତି ମଧ୍ୟ ବଢିବାରେ ଲାଗିଛି। ତେବେ ଏଭଳି ସ୍ଥିତିରେ ଉକ୍ତ କଥାକୁ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ରିପୋର୍ଟ ମାଗିଛନ୍ତି। ଯାହାକୁ ନେଇ କଥାଟି ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହି ଘଟଣାରେ ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କୁ ରିପୋର୍ଟ ମାଗିଛନ୍ତି। ଏହି ଚିଠିଟି ହସ୍ତଗତ ହୋଇ ନ ଥିଲେ ମଧ୍ୟ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ଏବଂ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାକୁ ସମସ୍ତେ ନିନ୍ଦା କରୁଥିବା ବେଳେ ବିଶ୍ୱବିଦ୍ୟାଳୟର ଜଣେ ବିଦ୍ୟୁତ୍ କର୍ମଚାରୀ ଜୟନ୍ତ ତ୍ରିପାଠୀଙ୍କୁ ଏଥିପାଇଁ ନିଲମ୍ବନ କରାଯାଇଛି। ଏହା ସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଘଟଣାର ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ଏହି ଘଟଣା ପାଇଁ ବିଶ୍ୱବିଦ୍ୟାଳୟ କୁଳପତି ତ୍ରିପାଠୀ ନିଜକୁ ଦାୟୀ କରିବା ସହିତ କ୍ଷମା ପ୍ରାର୍ଥନା କରିଛନ୍ତି।

# ନ୍ୟାୟ ପାଇଁ ଧାରଣାରେ ମା' ଝିଅ

**ଭଦ୍ରକ ଅଫିସ, ୮।୫**

### ଆକ୍ରମଣକାରୀଙ୍କୁ ଗିରଫ ଦାବି

ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଭଦ୍ରକ ଜିଲା ପୀରହାଟ ଥାନା ଅଧୀନ ଅର୍ଜୁନବିନ୍ଧା ଗ୍ରାମର କନକଲତା ବେହେରା ଓ ତାଙ୍କ ଝିଅ ସୋମବାର ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେମାନେ ଭଦ୍ରକ ପୌରପାଳିକାର କୁଆଁସସ୍ଥିତ ଭଡ଼ାଘରେ ରହୁଛନ୍ତି। ଗତ ୧ ତାରିଖରେ ଭଦ୍ରକ କଚେରୀ ବଜାରରେ ମା' ଝିଅ ଚାଲି ଚାଲି ଯାଉଥିଲେ। ଏହି ସମୟରେ ପୂର୍ବଶତ୍ରୁତାକୁ ନେଇ ଉକ୍ତ ଗ୍ରାମର ଜଣେ ଯୁବକ ଗାଳିଗୁଲଜ କରିବା ସହ ତାଙ୍କର ୨ଜଣ ସହଯୋଗୀଙ୍କ ସହ ମିଶି ସେମାନଙ୍କୁ ମାଡ଼ ମାରିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ମାମଲା (ନଂ.୨୫୩/୨୩) ମଧ୍ୟ ରୁଜୁ ହୋଇଛି। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏଣୁ ସେମାନଙ୍କୁ ନ୍ୟାୟ ପାଇଁ ଏସ୍‌ପି ଅଫିସ୍ ଆଗରେ ଧାରଣା ଦେଇଥିବା କନକଲତା କହିଥିଲେ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଠୁପାଲି ପ୍ରତିଶ୍ରୁତି ଦେବା ପରେ ମା' ଝିଅ ଧାରଣାରୁ ଉଠିଥିଲେ।



ଏସ୍‌ପି ଅଫିସ ସମ୍ମୁଖରେ ଝିଅ ସହ ଧାରଣା ଦେଇଛନ୍ତି ଅର୍ଜୁନବିନ୍ଧା ଗ୍ରାମର କନକଲତା ବେହେରା।

# ଅଭିଭାବକ ସଚେତନତା କର୍ମଶାଳା



କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୮।୫**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଥିବା ସଂସ୍କାର ପବ୍ଲିକ ସ୍କୁଲ ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ସୋମବାର ଯାଜପୁର ଜିଲା କାଳିଆପାଣି ମାଇନ୍ସ ପ୍ରେକ୍ଷାଳୟରେ ଅଭିଭାବକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେଶନ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଦେବାଞ୍ଜନ ମୁଖାର୍ଜୀ, ଅଞ୍ଜନା ତିୱାରୀ, ଗ୍ରେସି ଭେଗ୍ରେଲା ଉପସ୍ଥିତ ଥିଲେ। କଙ୍କଡ଼ାଗୁଡ଼ି, ଦେଏଗାଁ, ନଗଡ଼ା ଏବଂ ମାଙ୍କେଡିଆ ବସ୍ତିର ବହୁ ମହିଳାପୁରୁଷ ଯୋଗଦେଇଥିଲେ। ଏହି ଅବସରରେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ସତ୍ୟଜିତ୍ ରାୟଙ୍କ ଚଳଚ୍ଚିତ୍ର 'ଡି-୨' ଏବଂ ସଂସ୍କାର ପବ୍ଲିକ ସ୍କୁଲ ଦ୍ୱାରା ନିର୍ମିତ ଡକୁମେଣ୍ଟାରି ଫିଲ୍ମ 'ଦି ଟ୍ରାନ୍ସସେଶନ' ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ନେହମୟୀ ପାଣି, ଲକ୍ଷ୍ମୀ କୁମାରୀ, ସଙ୍ଗୀତା ପାଢ଼ୀ କର୍ମଶାଳାର ଉଦ୍ଦେଶ୍ୟ, ପିଲାଙ୍କ ପାଠପଢ଼ାରେ ଅଭିଭାବକଙ୍କ ଭୂମିକା, ସାମ୍ପ୍ରତିକ ଶିକ୍ଷା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂସ୍କାର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଆଲୋଚନାରେ ଭାଗନେଇ ନିଜସ୍ୱ ମତ ରଖିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଡିଭାଇଡରେ ପିଟି ହେଲା ବାଇକ୍‌: ଚାଳକ ଗୁରୁତର

**ଭୁବନ, ୮।୫(ଡି.ଏନ୍‌.ଏ.):** ଢେଙ୍କାନାଳ ଜିଲା ଭୁବନ ସହର ବାଜି ରାଉତ କଲେଜ ଛକ ନିକଟରେ ସୋମବାର ଭାରସାମ୍ୟ ହରାଇ ଏକ ବାଇକ୍‌ ରୋଡ୍‌ ଡିଭାଇଡରରେ ପିଟି ହୋଇଯାଇଛି। ଏଥିରେ ବାଇକ୍‌ ଆରୋହୀ ତଥା ଦେବଗଡ଼ ଜିଲା କୁଲେଇ ଗ୍ରାମର ଦେବଙ୍ଗର ଗଡ଼ନାୟକ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦେବଙ୍ଗର ଯାଜପୁର ଜିଲା ଟାଟା ପ୍ଲାଣ୍ଟରେ କାର୍ଯ୍ୟ କରୁଛନ୍ତି। ସେ ଘରୁ କମ୍ପାନୀକୁ ବାଇକ୍‌ରେ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

### ଏଏପିର ଜନସଚେତନତା

**ଢେଙ୍କାନାଳ ଅଫିସ୍‌, ୮।୫:** ହିନ୍ଦୋଳରେ ଏଏପିର ଏକ ଜନ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ବିକ୍ରମ ରାଉତ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ବ୍ଲକ ସଭାପତି ମନୋରଞ୍ଜନ ପାଳ, ବିଧୁରଞ୍ଜନ ନାୟକ, ଜୋନ୍‌ ଇନଚାର୍ଜ ଶଙ୍କର୍ଷଣ ଦଳାଇ, କାର୍ଯ୍ୟାଳୟ ପ୍ରମୁଖ ଚିନ୍ମୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ରାସୋଳ, ଗୁଣଦେଇ, ବଳରାମପୁର ପଞ୍ଚାୟତରେ ଦଳ ପକ୍ଷରୁ ବୈଠକ, ମହିଳା ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରଚାରପତ୍ର ବଣ୍ଟାଯାଇଥିଲା।

# ‘ତ୍ୟାଗ ମନୋଭାବରେ ଗଢ଼ିହେବ ସୁସ୍ଥ ସମାଜ’




ସରଗମ୍‌ ନୃତ୍ୟ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପାଳ ନୃତ୍ୟଶିଳ୍ପୀ ଜ୍ୟୋତିର୍ଲିପା ମିଶ୍ରଙ୍କୁ ସମ୍ମାନିତ କରୁଛନ୍ତି।




ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ସରିଲା ‘ସରଗମ୍‌ ନୃତ୍ୟ ମହୋତ୍ସବ’

**ଢେଙ୍କାନାଳ ଅଫିସ, ୮।୫**

ଢେଙ୍କାନାଳର ନୃତ୍ୟାନୁଷ୍ଠାନ ‘ସରଗମ୍‌ ନୃତ୍ୟ ଓ ସଙ୍ଗୀତ ଏକାଡେମୀ’ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ‘ସରଗମ୍‌ ନୃତ୍ୟ ମହୋତ୍ସବ’ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ କହିଲେ, ଢେଙ୍କାନାଳର କଳା ସଂସ୍କୃତି ସ୍ୱତନ୍ତ୍ର। ଏହାକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ପ୍ରୟାସ ସ୍ୱାଗତଯୋଗ୍ୟ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ସୁସ୍ଥ ସମାଜ ଗଢ଼ିବାକୁ ହେଲେ ଈର୍ଷା, ବିଦ୍ୱେଷ ମନୋଭାବ ପରିତ୍ୟାଗ କରିବାକୁ ପଡ଼ିବ। ତ୍ୟାଗ ଏବଂ ସମର୍ପଣ ଭାବନା ରଖିଲେ ଏହା ସମ୍ଭବପର ହୋଇପାରିବ। ଶିକ୍ଷା ସହ ନୃତ୍ୟସଙ୍ଗୀତ ପ୍ରତି ଆଗ୍ରହ ରଖିଲେ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟ ଲୋକକଳା ସଂଘ ଉପସଭାପତି କବି ଅବନୀ କୁମାର ମିଶ୍ର ଯୋଗଦେଇ କହିଲେ, ଭାରତ ହେଉଛି ଯୁବସୁଲଭ ଦେଶ। ପଥଭ୍ରଷ୍ଟ ଯୁବପିଢ଼ିଙ୍କୁ ନୃତ୍ୟସଙ୍ଗୀତ ଭଳି କାର୍ଯ୍ୟକ୍ରମରେ ସାମିଲ କରି ଏକ ଶୃଙ୍ଖଳିତ ସମାଜ ପ୍ରତିଷ୍ଠା କରିବା ଆଜିକାର ସମୟର ଆହ୍ୱାନ। ଏ କ୍ଷେତ୍ରରେ ଢେଙ୍କାନାଳ ଜିଲାର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଉଦ୍ୟମ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନୁଷ୍ଠାନର ସଭାପତି ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟସ୍ତରୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ଜ୍ୟୋତିର୍ଲିପା ମିଶ୍ର, ସୁରଜ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ତଥା ନୃତ୍ୟଗୁରୁ ସମୀର କୁମାର ପୃଷ୍ଟି ମଞ୍ଚାସୀନ ଥିଲେ। ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଦଶବତାର ନୃତ୍ୟ ଆକର୍ଷଣ ସାଜିଥିଲା। ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କ କରତାଳି ସାଉଁଟିଥିଲା।

# ବନ୍ଦ ସ୍କୁଲ ଭଡ଼ାରେ

**ଢେଙ୍କାନାଳ ଅଫିସ, ୮।୫**

ଉପସ୍ଥାନ କମ୍‌ ଥିବା ଦର୍ଶାଇ ବନ୍ଦ କରିଦିଆଯାଇଛି ବିଦ୍ୟାଳୟ। ନିକଟ ସ୍କୁଲରେ ସମ୍ମିଶ୍ରଣ ପରେ ଅନେକ ଶିକ୍ଷାନୁଷ୍ଠାନରେ ତାଲା ଝୁଲୁଛି। ଏହାର ତଦାରଖ ଦାୟିତ୍ୱ ପଞ୍ଚାୟତ ପ୍ରଶାସନକୁ ଦିଆଯାଇଛି। ହେଲେ ଏଭଳି ସ୍କୁଲକୁ ଭଡ଼ାସୂତ୍ରରେ ଦିଆଯିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତରୁ। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଜିଲାପାଳ, ଶିକ୍ଷାବିଭାଗ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ନ ଥିବାରୁ ଗଦାଶିଳା ପଞ୍ଚାୟତର ମହିନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ଏହି ଶିକ୍ଷାନୁଷ୍ଠାନ ଏବେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ରହିଛି। ତେବେ ଗ୍ରାମ୍ୟ କମିଟିର ଅଜାଣତରେ ସ୍କୁଲକୁ ଏକ ବେସରକାରୀ ସଂସ୍ଥାକୁ ଭଡ଼ାସୂତ୍ରରେ ଦିଆଯାଇଛି। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଭବିଷ୍ୟତରେ ଉକ୍ତ ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ କରିବା କିମ୍ବା ସେଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ରହିଛି। ହେଲେ ଗ୍ରାମ କମିଟି ଅଜାଣତରେ ଏହାକୁ ଭଡ଼ାସୂତ୍ରରେ ଦିଆଯିବା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି। କ୍ଷୀରୋଦ ମିଶ୍ର, ସୁବୋଧ ମିଶ୍ର, ଦୀପକ କର, ଅନ୍ତର୍ଯ୍ୟାମୀ ପ୍ରଧାନ, ସୁଶାନ୍ତ ରାଉତ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏ ନେଇ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଡିଓଙ୍କୁ ଅବଗତ କରାଇଛନ୍ତି।



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

## ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଭୁବନ, ୮।୫(ଡି.ଏନ୍‌.ଏ.)**

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଏବଂ ହତ୍ୟା ଧମକ ଦେବା ଅଭିଯୋଗରେ ଭୁବନ ଥାନା ପୋଲିସ ଗଡ଼ଗହମପୁର ଅଞ୍ଚଳର ଆଦିତ୍ୟ କୁମାର ସାହୁଙ୍କୁ ସୋମବାର ଗିରଫ କରିଛି। ଅଭିଯୋଗରେ ଦର୍ଶାଯାଇଛି, ଭୁବନ ଅଞ୍ଚଳର ସମ୍ପୃକ୍ତା ଯୁବତୀ ଏବଂ ଆଦିତ୍ୟଙ୍କ ମଧ୍ୟରେ ୫ ବର୍ଷ ହେଲା ପ୍ରେମସମ୍ପର୍କ ଥିଲା। ତେବେ ଅଭିଯୁକ୍ତ ଯୁବକ ଜଣକ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଏଥିରେ ଅରାଜି ହେବାକୁ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଇତିମଧ୍ୟରେ ଯୁବକଙ୍କ ବିବାହ ଅନ୍ୟତ୍ର ଠିକ୍‌ ହୋଇଯାଇଥିଲା। ଏହା ଜାଣିବା ପରେ ଯୁବତୀ ଜଣକ ଆଦିତ୍ୟଙ୍କ ସହ ଉଠାଇଥିବା କେତେକ ଫଟୋ ବିବାହ ଠିକ୍‌ ହୋଇଥିବା ଭାବିବଧୂଙ୍କ ପାଖକୁ ପଠାଇ ଦେଇଥିଲେ। ଏହା ଜାଣିବା ପରେ ଆଦିତ୍ୟଙ୍କ ପରିବାର ଲୋକେ ଯୁବତୀଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ମାର୍‌ପିଟ୍‌ କରିଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଥାନାରେ ଦୁଇଟି ପୃଥକ୍‌ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



**ଗୁହାରି ଶୁଣିବା ହେଉ:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଜାମୁଚକଡ଼ା ଗ୍ରାମର ୯୫ ବର୍ଷୀୟ ବୃଦ୍ଧ ଶ୍ରୀଧର ପ୍ରଧାନ ଅନ୍ତ୍ୟୋଦୟ ଯୋଜନାରେ ତାଲିକାଭୁକ୍ତ କରିବା ଦାବିରେ ୩ବର୍ଷର ଅଣନାତି ନଣ୍ଡା ନାହାକଙ୍କ ସହାୟତାରେ ସୋମବାର ଜିଲା କାର୍ଯ୍ୟାଳୟକୁ ଯାଉଛନ୍ତି।

# ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା, ୮।୫(ଡି.ଏନ୍‌.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଓ ଆଠମଲ୍ଲିକ ଥାନା ଅଞ୍ଚଳରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯାଇଛି। ଏଭଳି ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଠାକୁରଗଡ଼ ଥାନା ବରହମ ଗ୍ରାମର ଝରିଆ ରାଉତଙ୍କ ଘରୁ ୩୦ ଲିଟର, ଝିଲ୍ଲୀମୁଣ୍ଡା ଗ୍ରାମର ଶୁଭାଙ୍ଗିନୀ ବେହେରାଙ୍କ ଘରୁ ୩୫ ଲିଟର, ଆଠମଲ୍ଲିକ ଥାନା ତିତିଙ୍ଗା ଗ୍ରାମର ବାବୁଲି ଘିଓ୍ୱାଲାଙ୍କ ଘରୁ ୩୦ ଲିଟର



ଏବଂ ତେଲେଇ ଗ୍ରାମର ବିଦ୍ୟାଧର ପ୍ରଧାନଙ୍କ ଘରୁ ୨୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି।

# ଦୀନବନ୍ଧୁପୁର ହାଇସ୍କୁଲରେ ଶିକ୍ଷକ ସଙ୍କଟ

**ଢେଙ୍କାନାଳ ଅଫିସ, ୮।୫**

ଢେଙ୍କାନାଳ ଜିଲା ଓଡ଼ପଡ଼ା ବ୍ଲକ ଦୀନବନ୍ଧୁପୁର ହାଇସ୍କୁଲରେ ଶିକ୍ଷକ ସଙ୍କଟ ଯୋଗୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଏହାକୁ ନେଇ ସୋମବାର ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ସ୍କୁଲରେ ୯ମ ଏବଂ ୧୦ ଶ୍ରେଣୀରେ ୧୧୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପାଠପଢ଼ା ଲାଗି ମୋଟ ୮ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଥିବାବେଳେ ୨ ଜଣ ବିଜ୍ଞାନ ଶିକ୍ଷକ, ଜଣେ ଲେଖାଏ ହିନ୍ଦୀ, କ୍ରୀଡ଼ା ଏବଂ କଳା ଶିକ୍ଷକ ଅଛନ୍ତି। ଏଥିପୂର୍ବରୁ ଅବସର ନେଇଥିବା ୪ ଶିକ୍ଷକ ପଦବୀ ପୂରଣ ହୋଇନାହିଁ। ଜୁନ୍‌ ୩୦ରେ କଳା ଶିକ୍ଷକ ଅବସର ନେବେ। ଏହାପରେ ମୋଟ ଶିକ୍ଷକଙ୍କ ସଂଖ୍ୟା ୪କୁ ଖସିଆସିବ। ଫଳରେ ଏତେସଂଖ୍ୟକ ପିଲାଙ୍କ ପାଠପଢ଼ା ଠିକ୍‌ ଭାବେ ହୋଇପାରିବ ନାହିଁ। ସମସ୍ୟାର ସମାଧାନ ଦାବିରେ ସରପଞ୍ଚ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଶିଶିର ସାମଲ, ଆଦିକନ୍ଦ କାଣ୍ଡିଆ, ରମେଶ ସାମଲ, ଅକ୍ଷୟ ସାମଲ ପ୍ରମୁଖ ବହୁ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଭେଟିଛନ୍ତି। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ସେମାନେ ଲିଖିତ ଭାବେ ଦାବି କରିଛନ୍ତି।




ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସିଥିବା ଦୀନବନ୍ଧୁପୁର ଗ୍ରାମବାସୀ।

# ‘ସେବା ମନୋବୃତ୍ତି ଜୀବନକୁ ସାର୍ଥକ କରେ’

## ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍‌ ଦିବସ

**ଢେଙ୍କାନାଳ ଅଫିସ, ୮।୫**

ଢେଙ୍କାନାଳ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍‌ ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ୍‌କ୍ରସ୍‌ ଉପସଭାପତି ସସ୍ମିତା ସାହୁ ଯୋଗଦେଇ କହିଲେ, ତ୍ୟାଗ ଓ ସମର୍ପଣ ମନୋବୃତ୍ତି ମାନବ ଜୀବନକୁ ସାର୍ଥକ କରେ। ଜୁନିୟର ରେଡ୍‌କ୍ରସ୍‌ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରୁଛି। ମୁଖ୍ୟବକ୍ତା ଭାବେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ରେଡ୍‌କ୍ରସ୍‌ର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାରେ ଜୀବନ ଉତ୍ସର୍ଗୀକୃତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ୨୦୨୩ର ବିଶ୍ୱ ରେଡ୍‌କ୍ରସ ଦିବସର ବାର୍ତ୍ତା ‘ଏଭ୍ରିଥିଙ୍ଗ୍‌ ୱି ଡୁ କମ୍‌ସ ଫ୍ରମ୍‌ ଦି ହାର୍ଟ’ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧନ କର୍ମୀ ବିପିନ ବିହାରୀ ଶତପଥୀ, ପ୍ରଶାନ୍ତ କୁମାର ଧଳ, କାଉନ୍‌ସିଲର ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଏହି ଉପଲକ୍ଷେ ଆଦୃତା ଶିଶୁ ସଦନର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜେଆର୍‌ସି ପରାମର୍ଶଦାତା ସୁଶୀଲ ପଣ୍ଡା, ଦୁଷ୍ମନ୍ତ ସେଠୀ, ମହେନ୍ଦ୍ର ସାହୁ, ସବିତା ସାହୁ, ହରପ୍ରିୟା ଦାସ, ପ୍ରକାଶ ବେହେରା, ମଞ୍ଜୁବାଳା ବେହେରା, ସୌଦାମିନୀ ଦଳେଇ, ସ୍ମିତିସୁଧା ଜେନା, ରସାନନ୍ଦ ପ୍ରଧାନ, ଅନନ୍ତ ଜେନା, ପ୍ରଶାନ୍ତ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ ପ୍ରମୁଖ ସହଯୋଗ କରିଥିଲେ। ସାଧନ କର୍ମୀ ସୁବ୍ରତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ନରେଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜୁନିୟର ରେଡ୍‌କ୍ରସ୍‌ ସମ୍ପାଦକ ଜ୍ୟୋତି ପ୍ରସାଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।

